# Akashvani, Sambalpur

## SAMBALPURI NEWS EVENING BULLETIN

## 9 july 2026-7.02- 7.12 pm.

---

୧- ଭୁବ୍‌ନେଶ୍ୱର୍ ଓୟୁଏଟି ଠାନେ ଓଡ଼ିଶା ଗଭୀର ସମୁଦ୍ର ମାଛ୍‌ଧରା ମିଶନ୍‌ର ଶୁଭାରମ୍ଭ କଲେ ଉପରାଷ୍ଟ୍ରପତି ।

- ଗହୀର୍ ସମୁଦ୍ରନୁ ମସ୍ୟସମ୍ପଦ୍‌ର ସ୍ଥାୟୀ ଉପଯୋଗ୍ ଲାଗି ମସ୍ୟଜୀବୀମାନ୍‌କୁ ବାଂଟ୍‌ଲେ ପ୍ରାଧିକରଣ୍ ପତ୍ର ।

୨- ଚଲ୍‌ତି ଖରିଫ୍ ଋତୁ ଲାଗି ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନାର୍ ପଞ୍ଜିକରଣ୍ ଆଏବା ୩୧ ତାରିଖ୍ ହେବା ଶେଷ୍ ।

୩- ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ହେବା ମାହାପୁରୁମାନ୍‌କର୍ ଓଷୋ ଲାଗି ନୀତି ।

ଆଉର୍

୪- ହୀରାକୁଦ୍ ଜଲ୍‌ଭଣ୍ଡାର୍ ନୁ ଆଏଜ୍ ଛଡ଼ାଗଲା ଇ ବଛ୍‌ରର୍ ପହେଲା ବଏଢ଼୍‌ପାଏନ୍ ।

- ୧୦ ଟା ଗେଟ୍ ଦେଇକରି ଛଡ଼ାଯାଉଛେ ପାଏନ୍ ।

ଉପରାଷ୍ଟ୍ରପତି-ଓଡ଼ିଶା ଆର୍ଏନ୍ୟୁ/ ସମ୍ବଲପୁର

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଏଜ୍ ଓଡ଼ିଶା ଗସ୍ତଥି ଆସିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇଛନ୍ । ଇ ଅବ୍ସରେ ଉପରାଷ୍ଟ୍ରପତି ଭୁବ୍ନେଶ୍ୱର୍ର ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ ନ ଗଭୀର ସମୁଦ୍ରନୁ ମତ୍ସ୍ୟ ସମ୍ପଦ୍ର ସ୍ଥାୟୀ ଉପଯୋଗ୍ ଲାଗି ମତ୍ସ୍ୟଜୀବୀମାନ୍କୁ ପ୍ରାଧିକରଣ୍ ପତ୍ର ବାଂଟିଛନ୍ । ଇତାର୍ସହେତେ 'ଓଡ଼ିଶା ଗଭୀର ସମୁଦ୍ର ମାଛ୍ଧରା ମିଶନ୍' ର ଶୁଭାରମ୍ଭ ଭିଲ୍ କରିଛନ୍ । ଇ ଅବ୍ସରେ ଉପରାଷ୍ଟ୍ରପତି କହିଛନ୍, ଇ ପଦକ୍ଷେପ୍ ଭାରତ୍ର ସାମୁଦ୍ରିକ ଯାତ୍ରାଥି ଗୁଟେ ନୂଆଁ ଅଧ୍ୟାୟ ମୁଲ୍ କରିଛେ । ଦେଶର୍ ଖାସ୍ ଅର୍ଥନୈତିକ କ୍ଷେତ୍ର ଆଉ ଗଭୀର୍ ସମୁଦ୍ରର୍ ଭର୍ପୁର୍ ସମ୍ଭାବନାକେ ଭାରତୀୟ ମତ୍ସ୍ୟଜୀବୀମାନେ ସ୍ଥାୟୀ ଭାବେ ବେଭାର୍ କର୍ବାର୍ଥି ଇଟା ସକ୍ଷମ୍ କର୍ବା । ଇ କାର୍ଯ୍ୟକ୍ରମ୍ ସାମୁଦ୍ରିକ୍ ମାଛ୍ ଚାଷ୍ କ୍ଷେତ୍ରଥି ବିକାଶ୍, ସ୍ଥାୟୀତ୍ୱ ଆଉ ସମୃଦ୍ଧିର୍ ଗୁଟେ ନୂଆଁ ଯୁଗର୍ ପ୍ରତିଫଳନ୍ ବଲି ଉପରାଷ୍ଟ୍ରପତି କହିଛନ୍ । ଇ ପଦକ୍ଷେପ୍ ଓଡ଼ିଶାକେ ପୂର୍ବ ଭାରତ୍ ନ ଗହୀର୍ ସମୁଦ୍ର ମାଛ୍ ଚାଷ୍ ଆଉ ସାମୁଦ୍ରିକ୍ ରପ୍ତାନୀର୍ ଗୁଟେ ପ୍ରମୁଖ୍ କେନ୍ଦ୍ର ବନାବା । ଭାରତ୍ ଇହାଦେ ପୁର୍ଥିର୍ ୨ ନମ୍ବର୍ ସବୁନୁ ବଡ଼ ମାଛ୍ ଉତ୍ପାଦନ୍କାରୀ ଦେଶ୍ ଭାବେ ନିଜର୍ ଜାଗା ବନେଇଛେ । ଇ କ୍ଷେତ୍ର ୩ କୋଟି

ମତ୍ସ୍ୟଜୀବୀମାନ୍‌କର୍ ଜୀବିକାକେ ସୁରକ୍ଷିତ୍ ରଖ୍‌ବାର୍ ସହେତେ ଦେଶର୍ ଖାଦ୍ୟ ନିରାପତା ଆଉ ପୁଷ୍ଟି ସାଧନ୍‌ଥି ବଡ଼୍ ଭୂମିକା ନେଇଛେ । ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ଦେଶ୍ ଶହେ ୯୫ ଲାଖ୍ ଟନ୍ ମାଛ୍ ଉତ୍ପାଦନ୍ କରିଛେ ବଲି ଉପରାଷ୍ଟ୍ରପତି ସୂଚ୍‌ନା ଦେଇଛନ୍ ।

କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ଓଡ଼ିଶା ଭିଜନ୍ -୨୦୩୬ ଆଉ ବିକଶିତ୍ ଭାରତ୍ ୨୦୪୭ ର ଲକ୍ଷ୍ୟ ସାଙ୍ଗେ ରହିଥିବା ଇ ମିଶନ୍ ଅଧୀନ୍‌ଥି ଗଭୀର୍ ସମୁଦ୍ର ମାଛ୍‌ଧରା ଜାହାଜ୍‌କେ ଲଗାବାର୍ ସହେତେ ଜାହାଜ୍ ମାନ୍‌କର୍ ଅତ୍ୟାଧୁନିକ୍ ଆଧୁନିକୀକରଣ୍ କରାଯିବାର୍ ବ୍ୟବସ୍ଥା ରହିଛେ । ପାରାଦ୍ୱୀପ୍, ଧାମ୍‌ରା ଆଉ ଗୋପାଲ୍‌ପୁର୍ ବାଗିର୍ ବନ୍ଦର୍ ଇଲାକାକେ ଅତ୍ୟାଧୁନିକ୍ ସାମୁଦ୍ରିକ୍ ସ୍ଥଲୀ ଭାବେ ବିକଶିତ୍ କରାଯାଇକରି ଓଡ଼ିଶା ସମୁଦ୍ରଖଁଡ଼ି ଇଲାକାର୍ ଲୁକ୍‌କର୍ ସର୍ବାଙ୍ଗୀନ ଆର୍ଥିକ୍ ଅଭିବୃଦ୍ଧି କରାଯିବା । ପ୍ରଯୁକ୍ତିଭିତିକ ସ୍ୱଚ୍ଛ ବ୍ୟବସ୍ଥା ଜରିଏ ଭାରତ୍‌ର ଖାସ୍ ଆର୍ଥିକ୍ କ୍ଷେତ୍ର ଆଉ ଗଭୀର୍ ସମୁଦ୍ରଥି ସୁରକ୍ଷିତ୍ ଉପଯୋଗିତା ମୁଲ୍ କରିକରି ଦେଶର୍ ନୀଳ ଅର୍ଥନୀତିକେ ବଢ଼ାବାର୍‌ଥି ଓଡ଼ିଶା ସବୁବେଲେ ଆଗ୍‌ଧାଡ଼ିର୍ ଭୂମିକା ନେବା ବଲି ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଗଲା ୧୧ ବର୍ଷରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଦେଶର୍ ମାଛ୍ ଚାଷୀମାନ୍‌କର୍ ଜୀବନ୍ ଧାରଣ୍‌ର ମାନ ବଦ୍‌ଲିବାର୍ ସହେତେ ମାଛ୍ ଉତ୍ପାଦନ୍ ଶହେ ୬ ପ୍ରତିଶତ୍ ବଢ଼ିଛେ ବଲି କେନ୍ଦ୍ର ମସ୍ୟ ଆଉ ପ୍ରାଣୀ ସମ୍ପଦ୍ ମନ୍ତ୍ରୀ ରାଜୀବ୍ ରଞ୍ଜନ୍ ସିଂ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି କହିଛନ୍ ।

(ଭଏସ୍ ଓଭର୍- ରାଜୀବ୍ ରଞ୍ଜନ୍ ସିଂ)

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆଉ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପ୍ରମୁଖ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ । ତାର୍ ଉତ୍‌ରୁ ଉପରାଷ୍ଟ୍ରପତି ଜାତୀୟ ବିଜ୍ଞାନ୍ ଶିକ୍ଷା ଆଉ ଗବେଷଣା ପ୍ରତିଷ୍ଠାନ୍- ନାଇଜର୍‌ର ୧୫ ନମ୍ବର୍ ସ୍ନାତକ ସମାରୋହଥି ଯୋଗ୍ ଦେଇଥିଲେ ।

ପସଲ୍ ବୀମା ପଞ୍ଜିକରଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଲ୍‌ତି ଖରିଫ୍ ଋତୁ ଲାଗି ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନାର୍ ପଞ୍ଜିକରଣ୍ ଆଏବା ୩୧ ତାରିଖ୍ ଶେଷ୍ ହେବା । ଋଣ ନେଇଥିବା ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତି ପେକ୍ସ, ବୃହଦାକାର୍ ଆଦିବାସୀ ବହୁମୁଖୀ ସମବାୟ ସମିତି-

ଲେମ୍ପସ୍ ଆଉ ବେଙ୍କ୍ ଶାଖାଥି ଇ ପଞ୍ଜିକରଣ୍ କରେଇପାର୍‌ବେ । ପଞ୍ଜିକରଣ୍ ଲାଗି ଆଧାର୍‌କାର୍ଡ୍‌କେ ବାଧ୍ୟତାମୂଲକ୍ କରାଯାଇଛେ । ଝନେ ଚାଷୀ ସବୁନୁ ଅଏତ୍‌କା ୫ ଏକଡ୍‌ତକ୍ ଚାଷ୍ ଜମିନ୍‌ର ପଞ୍ଜିକରଣ୍ ବିନା କେନ୍‌ସି ଦେୟ ଦେଇକରି କରିପାର୍‌ବେ । ଭାଗ ଚାଷୀ ମାନେ ଭିଲ୍ ନିର୍ଦ୍ଧାରିତ୍ ଫର୍ମଥି ଜମିମାଲିକ୍‌ମାନ୍‌କର୍‌ନୁ ସହମତି ଆନିକରି ନିଜର୍ ଫସଲ୍‌ର ପଞ୍ଜିକରଣ୍ କରିପାର୍‌ବେ । ପ୍ରାକୃତିକ୍ ବିପର୍ଯ୍ୟୟ ଲାଗି ଫସଲ୍ ଅମଲ୍‌ଥି ନୁକ୍‌ସାନ୍ ହେଲେ ଇ ଯୋଜ୍‌ନାଥି ଚାଷୀମାନ୍‌କୁ ଭର୍‌ନା ଦିଆଯିବା ।

ପଂଚାୟତ୍ ଆଉ ପୌର ନିର୍ବାଚନ ହି.ସ.

୨୦୨୭ ମସିହା ପଂଚାୟତ୍ ଆଉ ପୌର ନିର୍ବାଚନ୍ ଲାଗି ପ୍ରକ୍ରିୟା ମୁଲ୍ ହେଇଛେ । ଇଥିର୍‌ଲାଗି ରାଜ୍ୟ ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ଆଏବା ୨୧ ତାରିଖ୍ ଦିନ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେବା । ଓସ୍ୱାନ୍ ପ୍ଲାଟ୍‌ଫର୍ମ ଜରିଏ ଆଭାସୀ ଜରିଏ ହେବାର୍‌କେ ଥିବା ବୈଠକ୍‌ଥି ସାମିଲ୍ ହେବାର୍‌କେ ସବୁ ଜିଲ୍ଲାପାଲ୍ ମାନ୍‌କୁ କମିଶନ୍‌ଙ୍କର୍ ତର୍‌ଫୁ ଚିଠି କରାଯାଇଛେ ।

ବୈଠକ୍‌ରେ ଡୋର୍ ଟୁ ଡୋର୍ ସର୍ଭେ ବାବ୍‌ଦେ ଆଲୋଚନା କରାଯିବାର୍ ସହେତେ ଡି.ସି. ବିଲ୍ ଆଉ ବ୍ୟବହାର୍ ପ୍ରମାଣ୍‌ପତ୍ର ବାବ୍‌ଦେ ଭିଲ୍ ଆଲୋଚନା କରାଯିବା ।

ପରିବହନ୍ ବିଭାଗ୍- ଫିଟ୍‌ନେସ୍ ସାର୍ଟିଫିକେଟ୍ ହି.ସ.

ରାଏଜେ ବୈଧ ଫିଟ୍‌ନେସ୍ ପ୍ରମାଣ୍‌ପତ୍ର ବିନା ଚାଲୁଥିବା ବାଣିଜ୍ୟିକ୍ ଗାଡ଼ିମଟର୍ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ପରିବହନ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ନିୟମ୍ ନାଇଁ ମାନୁଥିବା ଗାଡ଼ିକେ ଟୋଲ୍ ପ୍ଲାଜା ନ ଜବତ୍ କରାଯାଇକରି ସେତାର୍ ଆର୍.ସି. ଆଉ ପର୍‌ମିଟ୍ ବାତିଲ୍ କରାଯିବା । ଗଲା ଏପ୍ରିଲ୍ ୧ ତାରିଖ୍‌ନୁ ଜୁନ୍ ୩୦ ଭିତ୍‌ରେ ରାଜ୍ୟର୍ ୩୧ ଟା ଟୋଲ୍‌ପ୍ଲାଜା ନ ଫିଟ୍‌ନେସ୍ ସାର୍ଟିଫିକେଟ୍ ବିନା ଚାଲୁଥିବା ଗାଡ଼ି ବିରୋଧରେ ମୋଟ୍ ୪୩ ହଜାର୍ ୬ ଶହ ୯୬ ଟା ଚାଲାଣ୍ କଟାଯାଇଛେ । ବାର୍‌ବାର୍ ନିୟମ୍ ଭାଙ୍ଗୁଥିବା ୩୮ ହଜାର୍ ୯ ଶହ ୩୧ ଟା ଗାଡ଼ିକେ ଚିହ୍ନଟ୍ କରାଯାଇଛେ । ନୂଆଁ ନିର୍ଦ୍ଦେଶ୍‌ନାମା ଅନ୍‌ସାରେ ୧୦ ଥର୍ କି ତାର୍‌ନୁ ଅଏତ୍‌କା ଥର୍ ଧରାପଡ଼ିଥିବା ଗାଡ଼ି ନାଁରେ ୭ ଦିନ୍ ଭିତ୍‌ରେ ନୋଟିସ୍ ଜାରି

କରିକରି କାର୍ଯ୍ୟାନୁଷ୍ଠାନ୍ ନେବାର୍କେ ଆଂଚଲିକ୍ ପରିବହନ୍ ବିଭାଗ୍ କର୍ତ୍ତୃପକ୍ଷଙ୍କୁ ବିଭାଗ୍ ତରଫୁ ନିର୍ଦ୍ଦେଶ୍ ଦିଅଯାଇଛେ ।

ଶ୍ରୀମନ୍ଦିର୍ -ନୀତି            ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍କର୍ ଅଣସର ଗୁପ୍ତ ସେବା ନୀତି ଚାଲିଛେ । ମାହାପୁରୁମାନେ ଧୀରେ ଧୀରେ ସୁସ୍ଥ ହେବାର୍ଥି ଲାଗିଛନ୍ । ଆଏଜ୍ ଦଶ୍ମୀ ତିଥି ଅବ୍ସରେ ଓଷ ଲାଗି ନୀତି କରାଯିବା । ଶ୍ରୀମନ୍ଦିର୍ ନ ମଧ୍ୟାହ୍ନ ଦୀପ ଆଉ ଭୋଗମଣ୍ଡପ ନୀତି ଉତ୍ରୁ ଜୟବିଜୟ ଦ୍ୱାର ବନ୍ଦ୍ କରାଯାଇକରି ବେହେରଣ ଦ୍ୱାର ଫିଟାଯିବାର୍ ସହେତେ ଅନବସର ନୀତି କରାଯିବା । ସେଆଡ଼େ ମାହାପୁରୁମାନ୍କର୍ ପୁରା ଠିକ୍ ହେବାର୍ ଲାଗି ରାଜବୈଦ୍ୟମାନେ ଦଶମୂଳ ମୋଦକ ମଧ୍ୟାହ୍ନ ଧୂପ ଉତ୍ରୁ ଶ୍ରୀମନ୍ଦିର୍ ଗାରଦକେ ଆଏବା କାଏଲ୍ ଦେବେ । ଏକାଦଶୀ ତିଥି ଅବ୍ସରେ ଆଏବାକାଏଲ୍ ଇ ଉଷୋ ଖାଇକରି ମାହାପୁରୁମାନେ ପୁରାପରି ଠିକ୍ ହେଇଯିବେ ।

ସେଆଡ଼େ ରଥଖଳା ନ ରଥ ତିଆରି କାମ୍ ଶେଷ୍ ଖେପେ ପୁହୁଁଚିଛେ । ତିନ୍‌ହିରଥର୍ ବେଦୀ ସିଂହାସନ୍‌ର ରଞ୍ଜାମରା କାମ୍ ଶେଷ୍ ହେଇକରି ପାର୍ଶ୍ୱଦେବାଦେବୀମାନ୍‌କୁ ଥାପ୍‌ନା କରାଯାଇଛେ ।

ଝାର୍‌ସୁଗୁଡ଼ା ଜିଲ୍ଲାପାଲ୍ ସମୀକ୍ଷା ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍ ଆଏଜ୍ କୃଷିବିଜ୍ଞାନ୍ କେନ୍ଦ୍ର ପରିଦର୍ଶନ୍ କରିକରି ସେଠାନେ ଚାଲୁଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ସମୀକ୍ଷା କରିଛନ୍ । ବୈଠକ୍‌ଥି କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ୍ ଅନ୍ ଫାର୍ମ ଟେଷ୍ଟିଂ, ଦକ୍ଷତା ବିକାଶ୍ ତାଲିମ୍ ଆଉ ଡିଜିଟାଲ୍ ପ୍ଲାଟ୍‌ଫର୍ମ - କିଷାନ୍ ସାରଥୀ ର କାର୍ଯ୍ୟକାରିତା ବାବ୍‌ଦେ ଜନେଇଥିଲେ । ୨୦୨୫-୨୬ ଥି କେନ୍ଦ୍ର ତର୍‌ଫୁ ଶହେ ୮୦ ଝନ୍ ଚାଷୀଙ୍କୁ ନେଇକରି ୭୧ ଟା ତାଲିମ୍ ଆଉ ୨୦୨୬ ଜୁନ୍ ମାସେ ୩୦ ଟା ଗାଁ ନ ଖେତ୍ ବଂଚାଅ ଅଭିଯାନ୍ କରାଯାଇଛେ ।

ଝାର୍‌ସୁଗୁଡ଼ା ନିଯୁକ୍ତି ମେଳା ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ଆଉ ତାର୍ ଆଖର୍‌ପାଖର୍ ଇଲାକାର୍ ଶିକ୍ଷିତ୍ ବେକାର୍ ଯୁଆନ୍ ପିଲା ଟୁକେଲ୍ ମାନ୍‌କୁ ନିଯୁକ୍ତି ସୁଯୋଗ୍ ଯୁଗେଇ ଦେବାର୍ ଲାଗି ଜିଲ୍ଲା ଦକ୍ଷତା ବିକାଶ୍ ଆଉ ନିୟୋଜନ୍ କାର୍ଯ୍ୟାଳୟ ତର୍‌ଫୁ ଆଏବା ୧୩ ତାରିଖ୍ ସୋମ୍‌ବାର୍ ଦିନ ଗୁଟେ ଖାସ୍ ନିଯୁକ୍ତି ମେଳାର ଆୟୋଜନ୍ କରାଯାଇଛେ । ସଖାଲର୍ ସାଢ଼େ ୧୦ ବଜେନୁ ଉପର୍‌ବେଲାର୍ ୨ ବଜେତକ୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷ ନ ଇଟାର୍ ଆୟୋଜନ୍ କରାଯାଇଛେ । ୧୮ ନୁ ୩୨ ବଛର୍ ବୟସ୍ ତକ୍ ପ୍ରାର୍ଥୀମାନେ ଇଥିର୍‌ଲାଗି ଆବେଦନ୍ କରିପାର୍‌ବେ । ଇଚ୍ଛୁକ୍ ପ୍ରାର୍ଥୀମାନେ ନିଜର୍ ବାୟୋଡାଟା, ଆଧାର୍‌କାର୍ଡ଼, ଶିକ୍ଷାଗତ ପ୍ରମାଣ୍‌ପତ୍ର ଆଉ ଜରୁରୀ ଦସ୍ତାବିଜ୍ ସହେତେ ଧାରିଜ୍ ସମିଆଥି ଉପସ୍ଥିତ୍ ରହେବାର୍‌କେ ଜିଲ୍ଲା ନିୟୋଜନ୍ କାର୍ଯ୍ୟାଳୟ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

ଜିଲ୍ଲାସ୍ତରୀୟ କର୍ମଶାଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ହର୍‌ଘର୍ ଉଦ୍ୟମ୍-ହର୍ ଗାଁ ସମୃଦ୍ଧ ଅଭିଯାନ୍ ବାବ୍‌ଦେ ଜିଲ୍ଲାସ୍ତରୀୟ କର୍ମଶାଳା ହେଇଯାଇଛେ । ମହିଳାମାନ୍‌କର୍ ଆର୍ଥିକ୍ ସଶକ୍ତିକରଣ୍ ହିଁ ଗାଁ ଅର୍ଥନୀତିକେ ବର୍‌କସ୍ କରିପାର୍‌ବା ବଲି ଇ ଅବ୍‌ସରେ ବକ୍ତାମାନେ କହିଛନ୍ ।

ସମବାୟ ସପ୍ତାହ ବୌଦ୍ଧ ସମ୍ବାଦଦାତା

ସମବାୟ ବ୍ୟବସ୍ଥାକେ ଅଏତ୍‌କା ବର୍‌କସ୍ କର୍‌ବାର୍ ଲାଗି ବୌଦ୍ଧ ଜିଲ୍ଲା ନ ସମବାୟ ସପ୍ତାହ ପାଲିତ୍ ହେଇଯାଇଛେ । ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ସମବାୟ ବ୍ୟବସ୍ଥାର୍ ବିକାଶ୍, ପେକ୍ସ ମାନ୍‌କର୍ ସଶକ୍ତିକରଣ୍ ଆଉ ଚାଷୀମାନ୍‌କର୍ ଆର୍ଥିକ୍ ଉନ୍ନତି ବାବ୍‌ଦେ ଆଲୋଚନା କରାଯାଇଥିଲା ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ହୀରାକୁଦ୍ ଜଲ୍ଭଣ୍ଡାର୍‌ନୁ ଜଲ୍ସ୍ତର୍ ବଢୁଥିବାର୍‌ନୁ ଆଏଜ୍ ସଖାଲର୍ ୧୧ ବଜେ ଇ ବଛ୍ରର୍ ପହେଲା ବଏଡ଼୍ ପାଏନ୍ ଛଡ଼ାଯାଇଛେ । ଖାସ୍ ପୂଜାପାଠ୍ କଲା ଉତ୍ରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପହେଲା ଗେଟ୍ ଖୁଲିଛନ୍ । ନିୟମ୍ ଅନ୍ସାରେ ପହେଲା ୭ ନମ୍ବର୍ ଗେଟ୍ ଖୁଲାଯିବାର୍ ଉତ୍ରୁ ଗୁଟେ ଗୁଟେ କରି ୪ ଟା ଗେଟ୍ ଖୁଲାଯାଇଥିଲା । ତାର୍ ଉତ୍ରୁ ଆଉ ୬ ଟା ଗେଟ୍ ଖୁଲାଯାଇଥିଲା । ଇ ବଏଡ଼୍ ପାଏନ୍ କଟକ୍ ମୁଣ୍ଡୁଲି ବେରେଜ୍ ନ ପୁହୁଁଚିବାର୍ ଲାଗି ୪୦ ଘଂଟା ସମିଆ ଲାଗ୍‌ବା ।

ଆଏଜ୍ ସଞ୍ଜର୍ ୬ ବଜେ ଜଲ୍ଭଣ୍ଡାର୍ କେ ଫି ସେକେଣ୍ଡ୍‌ଥି ୯୩ ହଜାର୍ ୬ ଶହ ୬୫ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୧ ଲାଖ୍ ୫୦ ହଜାର୍ ୮ ଶହ ୭୦ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍ଭଣ୍ଡାର୍ ଜଲ୍ସ୍ତର୍ ୬ ଶହ ୧୫ ଦଶ୍‌ମିକ୍ ୨/୧ ଫୁଟ୍ ରହିଛେ ।

ନବୋଦୟ ବିଦ୍ୟାଲୟ- ନାଁଲେଖା ଏକ୍ସ

୨୦୨୭-୨୮ ଶିକ୍ଷା ବର୍ଷର୍ ଲାଗି ଜବାହାର୍ ନବୋଦୟ ବିଦ୍ୟାଳୟର୍ ୬ ଶ୍ରେଣୀଥି ନାଁଲେଖାବାର୍ ଲାଗି ବିଜ୍ଞପ୍ତି ବାହାରିଛେ । ଇଚ୍ଛୁକ୍ ଛାତ୍ରଛାତ୍ରୀମାନେ navodaya.gov.in ୱେବ୍‌ସାଇଟ୍ ଜରିଏ ଅନ୍‌ଲାଇନ୍‌ଥି ଆବେଦନ୍ କରିପାର୍‌ବେ । ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଜୁଲାଇ ୩୧ ତାରିଖ୍ ରହିଥିବାର୍ ବେଲେ ଚୟନ ପରୀକ୍ଷା ଆଏବା ନଭେମ୍ବର୍ ୨୮ ତାରିଖ୍ ଦିନ ହେବା ।